| Article Date | Headline / Summary | Publication |
| --- | --- | --- |
| 23 May 2026 | Adequate insurance advice for complete protection | Dharitri (Oriya) |

# ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବୀମାକରଣ ପରାମର୍ଶ

ଭୁବନେଶ୍ୱର,୨୨।୫

ଆକସ୍ମିକ ପରିସ୍ଥିତି ପାଇଁ ଯୋଜନା କରିବା ଏବଂ ଏକ ସୁରକ୍ଷାକବଚ ସୃଷ୍ଟିକରିବା ନିମନ୍ତେ ଇନ୍‌ସ୍ୟୁରାନ୍ସ ବା ବୀମା ହେଉଛି ସର୍ବୋତ୍ତମ ଉପାୟ। କେବଳ ଏକ ବୀମା ପଲିସି କିଣିବା ଦ୍ୱାରା ତାହା ସବୁବେଳେ ସମ୍ପୂର୍ଣ୍ଣ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ, ବରଂ ସେଥିରେ ଠିକ୍ ପରିମାଣର କଭର ରହିବା ଜରୁରୀ ବୋଲି ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଡକ୍ଟର ତପନ ସିଂଘଲ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବୀମା, ଗୃହ ବୀମା, ସାଇବର ବୀମା ଓ ମୋଟର ବୀମାକୁ ପର୍ଯ୍ୟାପ୍ତ ପରିମାଣର କଭର ସହ କ୍ରୟକରିବାକୁ ସେ ପରାମର୍ଶ ଦେଇଛନ୍ତି। ଏପରିକି ପ୍ରତି ୨ରୁ ୩ ବର୍ଷରେ ଥରେ କଭର ସମୀକ୍ଷା କରି ଏହାର ଉପ-ସୀମା ଯାଞ୍ଚକରିବା ଦରକାର। ଏହାପରେ ଯଦି ସନ୍ଦେହ ରୁହେ ତେବେ ସମ୍ପୃକ୍ତ ବୀମା କମ୍ପାନୀ କିମ୍ବା ପରାମର୍ଶଦାତାଙ୍କ ସହ ସମ୍ପର୍କକରି ତାହାର ସମାଧାନ କରିବା ଉଚିତ ବୋଲି ସିଂଘଲ କହିଛନ୍ତି।